## ସ୍ୱୀକାରମୂଳକ ସମ୍ମତିର ବ୍ୟାଖ୍ୟା

ଯୌନକ୍ରୀଡାରେ ଲିପ୍ତ ହେବା ଉଦ୍ଦେଶ୍ୟରେ ସମସ୍ତ ସହଭାଗୀଙ୍କ ପାଇଁ  ସ୍ୱୀକାରମୂଳକ ସମ୍ମତି ହେଉଛି ଏକ ଜ୍ଞାତସାର, ସ୍ୱେଚ୍ଛାକୃତ, ଏବଂ ପାରସ୍ପରିକ ନିଷ୍ପତ୍ତି । ଏହି ସମ୍ମତି ଶବ୍ଦାବଳି କିମ୍ବା ଭଙ୍ଗୀ ମାଧ୍ୟମରେ ଦିଆଯାଇପାରେ, ଯେଉଁ ପର୍ଯ୍ୟନ୍ତ ସେହି ଶବ୍ଦାବଳି କିମ୍ବା ଭଙ୍ଗୀ ଯୌନକ୍ରୀଡାରେ ଲିପ୍ତ ହେବା ପାଇଁ  ସୁସ୍ପଷ୍ଟ ଅନୁମତି ସୃଷ୍ଟି କରେ ।  ନୀରବତା କିମ୍ବା ପ୍ରତିବାଦର ଅଭାବ,  ସମ୍ମତି ସୂଚାଏ ନାହିଁ ଏବଂ ପ୍ରତିଫଳନ କରେ ନାହିଁ । ଅଂଶଗ୍ରହଣକାରୀମାନଙ୍କର ଲିଙ୍ଗ, ଲିଙ୍ଗୀୟ ପସନ୍ଦତା,ଲିଙ୍ଗ ପରିଚୟ କିମ୍ବା ଲିଙ୍ଗୀୟ ପ୍ରଦର୍ଶନ ଭିତ୍ତିରେ ସମ୍ମତିର ବ୍ୟାଖ୍ୟା ଭିନ୍ନ ଭିନ୍ନ ହୋଇନଥାଏ।

ଦୁଇଜଣ ବ୍ୟକ୍ତି କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ମଧ୍ୟରେ କୌଣସି ଯୌନକ୍ରୀଡା ପାଇଁ ପୂର୍ବରୁ ସମ୍ମତି କିମ୍ବା ସମ୍ମତି ସହ ପୂର୍ବ ଯୌନକ୍ରୀଡା କାର୍ଯ୍ୟକଳାପ  ଅନ୍ୟ କୌଣସି ପ୍ରକାରର ଯୌନକ୍ରୀଡା ପାଇଁ ମଧ୍ୟ ସମ୍ମତି ହିସାବରେ ଗ୍ରହଣ କରାଯାଇପାରିବ ନାହିଁ।

ଯୌନକ୍ରୀଡା ଆରମ୍ଭ କରୁଥିବା ବ୍ୟକ୍ତି ନିଶା ଏବଂ/କିମ୍ବା ମଦ୍ୟର ପ୍ରଭାବରେ ରହିଥିବା ନିର୍ବିଶେଷରେ ଏହି ସମ୍ମତି ଆବଶ୍ୟକ ହୋଇଥାଏ ।

ହୁଏତ ସମ୍ମତି ଆରମ୍ଭରୁ ଦିଆଯାଇଯାଇଥାଏ, କିନ୍ତୁ ତାହା ଯେ କୌଣସି ସମୟରେ ପ୍ରତ୍ୟାହାର କରାଯାଇପାରିବ ।

ଜଣେ ବ୍ୟକ୍ତି ଅକ୍ଷମ ଅବସ୍ଥାରେ ଥିବାବେଳେ ସେ ଦେଇଥିବା ସମ୍ମତି ଗ୍ରହଣଯୋଗ୍ୟ ନୁହେଁ, କାରଣ ଏଭଳି ସମ୍ମତି ସେହି ସମୟରେ ପ୍ରାପ୍ତ ହୋଇଥାଏ, ଯେତେବେଳେ ଯୌନକ୍ରୀଡା କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ବ୍ୟକ୍ତି ନିଜର ଜ୍ଞାତସାରରେ ଅନୁମତି ଦେଇ ନଥାଏ କିମ୍ବା ଅନୁମତି ଦେବାର ଦକ୍ଷତା ନଥାଏ । ଏହି ଅକ୍ଷମତା ବିଭିନ୍ନ କାରଣରୁ ଘଟିଥାଏ ଯେପରିକି ଅଚେତ ଅବସ୍ଥାରେ ଥିବା କିମ୍ବା ଶୋଇପଡିଥିବା, ବାଧ୍ୟବାଧକତା କରିବା କିମ୍ବା ଏଭଳି ଅବସ୍ଥାରେ ଥିବା ଯେତେବେଳେ ବ୍ୟକ୍ତି ସମ୍ମତି ଦେଇପାରିବ ନାହିଁ । ନିଶା ଦ୍ରବ୍ୟର ପ୍ରଭାବ ସ୍ତର ଉପରେ ନିର୍ଭର କରି ଯଦି ଜଣେ ବ୍ୟକ୍ତି ନିଶାଦ୍ରବ୍ୟ, ମଦ୍ୟ କିମ୍ବା ଅନ୍ୟ କୌଣସି ନିଶା ପ୍ରଭାବ ଯୋଗୁଁ ଅକ୍ଷମ ହୋଇଯାଇଥାଏ ଏବଂ ତେଣୁ ଜ୍ଞାନସାରମୂଳକ ସମ୍ମତି ଦେବାରେ ଅକ୍ଷମ ହୋଇଥାଏ ।

ଜବରଦସ୍ତ କରିବା, ଭୟ ପ୍ରଦର୍ଶନ କରିବା, ବାଧ୍ୟ କରିବା, କିମ୍ବା କ୍ଷତି କରିବାର ଧମକ ଦେବା ପ୍ରଭୃତି  ଉପାୟରେ ପ୍ରାପ୍ତ କରାଯାଇଥିବା ସମ୍ମତିକୁ ସମ୍ମତି ହିସାବରେ ବିଚାର କରାଯିବ ନାହିଁ।

ଯେତେବେଳେ ସମ୍ମତି ପ୍ରତ୍ୟାହାର କରି ନିଆଯିବ କିମ୍ବା ଆଉ ଭବିଷ୍ୟତରେ ଦିଆନଯିବ ତେବେ ଯୌନକ୍ରୀଡା କାର୍ଯ୍ୟଳାପ ବନ୍ଦ କରିଦେବା ଉଚିତ୍ ।

## ନିଶାଦ୍ରବ୍ୟ ଏବଂ ମଦ୍ୟ ବ୍ୟବହାର ଦୋଷାରୋପରୁ ମୁକ୍ତି ।

Rockland Community College ରେ ପ୍ରତ୍ୟେକ ଛାତ୍ରଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । RCC ବିଚାର କରେ ଯେ, ଯେଉଁ ଛାତ୍ରମାନେ ହିଂସା କାର୍ଯ୍ୟ ହେଲାବେଳେ ମଦ୍ୟପାନ କରୁଛନ୍ତି ଏବଂ/କିମ୍ବା ନିଶାଦ୍ରବ୍ୟ ସେବନ କରୁଛନ୍ତି (ସ୍ୱେଚ୍ଛାକୃତ କିମ୍ବା ଅଣସ୍ୱେଚ୍ଛାକୃତ ଭାବରେ ହେଉ), ଯେଉଁ ହିଂସାରେ ଘରୋଇ ହିଂସା ମଧ୍ୟ ଅନ୍ତର୍ଗତ କିନ୍ତୁ ସେଥିରେ ସୀମିତ ନୁହେଁ, ଡେଟିଙ୍ଗ୍ ସମୟ ହିଂସା, ପଛରେ ଗୋଡାଇବା ହିଂସା, ଯୌନ ନିର୍ଯାତନା ହିଂସା, ସେହି ଛାତ୍ରମାନେ ସେମାନଙ୍କ ନିଜ ବ୍ୟବହାରର ସମ୍ଭାବିତ ଫଳାଫଳ ଭୟରେ ରିପୋର୍ଟ କରନ୍ତି ନାହିଁ । RCC ଗୁରୁତ୍ୱର ସହିତ ଛାତ୍ରମାନଙ୍କୁ ଦୃଢ ଭାବରେ ପ୍ରୋତ୍ସାହିତ୍ କରୁଛି ଯେ, ସେମାନେ ଘରୋଇ ହିଂସା ଡେଟିଙ୍ଗ୍ ସମୟ ହିଂସା, ପଛରେ ଗୋଡାଇବା ହିଂସା, ଯୌନ ନିର୍ଯାତନା ପ୍ରଭୃତି ଘଟଣାକୁ ଅନୁଷ୍ଠାନ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇବେ । ଯଦି ଜଣେ ଦେଖଣାହାରୀ କିମ୍ବା ରିପୋର୍ଟର ବିଶ୍ୱାସମୂଳକଭାବରେ RCC କାର୍ଯ୍ୟକର୍ତ୍ତାଙ୍କୁ କିମ୍ବା ଆଇନ୍ ପ୍ରବର୍ତ୍ତନ କରୁଥିବା ବ୍ୟକ୍ତିଙ୍କୁ ଏହି ଘରୋଇ ହିଂସା, ଡେଟିଙ୍ଗ୍ ସମୟ ହିଂସା, ପଛରେ ଗୋଡାଇବା ହିଂସା, ଯୌନ ନିର୍ଯାତନା ବିଷୟରେ ରିପୋର୍ଟ କରନ୍ତି, ତେବେ ସେଭଳି ବ୍ୟକ୍ତି ଘରୋଇ ହିଂସା, ଡେଟିଙ୍ଗ୍ ସମୟ ହିଂସା, ପଛରେ

ଗୋଡାଇବା ହିଂସା, ଯୌନ ନିର୍ଯାତନା ଘଟୁଥିବା ସ୍ଥାନରେ କିମ୍ବା ପାଖାପାଖି ସେହି ସମୟରେ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ନିଶାଦ୍ରବ୍ୟ କିମ୍ବା ମଦ୍ୟପାନ କରୁଥିବା ଯୋଗୁଁ [କ୍ୟାମ୍ପସ୍ ନାମ] କୋଡ୍ ଅଫ୍ କଣ୍ଡକ୍ଟ RCC's ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ।

## ଛାତ୍ର ଅଧିକାର ବିଲ୍

ପ୍ରତ୍ୟେକ ଛାତ୍ରଙ୍କର ଅଧିକାର ରହିଛି ଯେ;

ସ୍ଥାନୀୟ ଆଇନ୍ ପ୍ରବର୍ତ୍ତନ କର୍ମକର୍ତ୍ତା ଏବଂ/କିମ୍ବା ରାଜ୍ୟ ପୋଲିସକୁ ରିପୋର୍ଟ ଦେବେ ;

ଗୁରୁତର ବିଚାର କରାଯାଉଥିବା ଘରୋଇ ହିଂସା, ଡେଟିଙ୍ଗ୍ ସମୟ ହିଂସା, ପଛରେ ଗୋଡାଇବା ହିଂସା, ଯୌନ ନିର୍ଯାତନା ବିଷୟରେ ଜାଣିଥିବା ତଥ୍ୟ ପ୍ରକାଶ କରିବେ;

କୌଣସି ଅପରାଧ କିମ୍ବା ଅବମାନନା ଲୋକଲୋଚନକୁ ଆଣିବେ ନା ନାହିଁ ଏବଂ ଅନୁଷ୍ଠାନର ବିନା ଚାପରେ ନ୍ୟାୟାଳୟ କିମ୍ବା ଅନ୍ୟ ଅନୁସନ୍ଧାନରେ ଅଂଶଗ୍ରହଣ କରିବେ ନା ନାହିଁ, ଏବଂ/କିମ୍ବା ଅପରାଧିଙ୍କୁ ବିଚାରାଳୟରେ ଦଣ୍ଡବିଧାନ କରିବା ପ୍ରଣାଳୀରେ ଅଂଶଗ୍ରହଣ କରିବେ ନା ନାହିଁ ସେ ବିଷୟରେ ଛାତ୍ରମାନେ ନିଷ୍ପତ୍ତି ନେଇପାରିବେ;

ଛାତ୍ରମାନେ ଏହି ପ୍ରଣାଳୀରେ ଅଂଶଗ୍ରହଣ କରିପାରିବେ ଯାହାକି ନ୍ୟାୟସଂଗତ, ନିରପେକ୍ଷ ଏବଂ ଯଥେଷ୍ଟ ଭାବରେ ନୋଟିସ୍ ଦିଆଯାଇଥିବ ଏବଂ ନିଜର ମତାମତ ଶୁଣିବା ପାଇଁ ଯଥେଷ୍ଟ ସୁଯୋଗ ଦିଆଯାଇଥିବ;

ଛାତ୍ରମାନଙ୍କର ଏହା ଅଧିକାର ରହିଛି ଯେ, ସେମାନଙ୍କର ଆତ୍ମସମ୍ମାନକୁ ସମ୍ମାନ ଦିଆଯିବ ଏବଂ ସେମାନେ ଅନୁଷ୍ଠାନରୁ ଭଲ ବ୍ୟବହାର, ନ୍ୟାୟ, ସମ୍ମାନମୂଳକ ସ୍ୱାସ୍ଥ୍ୟ ଚିକିତ୍ସା, ଏବଂ ଯେଉଁଠାରେ ଉପଲବ୍ଧ ପରାମର୍ଶ ସେବା ପ୍ରାପ୍ତ କରିବେ;

ଛାତ୍ରମାନେ ଏଭଳି ଧାରଣାରୁ ମୁକ୍ତ ହେବା ଉଚିତ୍ ଯେ, ଏଭଳି ଅପରାଧ କିମ୍ବା ହିଂସାମୂଳକ ଘଟଣା ରିପୋର୍ଟ କରୁଥିବା ବ୍ୟକ୍ତି ମଧ୍ୟ ଦୋଷୀ ହିସାବରେ ବିଚାର କରାଯିବ କିମ୍ବା ଏଭଳି ଅପରାଧ କିମ୍ବା ହିଂସା ନ ଘଟିବା ପାଇଁ ସେ ଅନ୍ୟ ପ୍ରକାର ପଦକ୍ଷେପ ନେଇପାରିଥାନ୍ତେ;

ଛାତ୍ରମାନଙ୍କର ଏହା ଅଧିକାର ରହିଛି ଯେ, ସେମାନେ ଯେତେ ସମ୍ଭବ ଅତି କମ୍ ସଂଖ୍ୟକ ଅନୁଷ୍ଠାନ କାର୍ଯ୍ୟକର୍ତ୍ତାଙ୍କୁ ଘଟିଥିବା କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିବେ ଏବଂ ଅଯଥାରେ ବାରମ୍ବାର ସେହି ଘଟଣାକୁ ବର୍ଣ୍ଣନା କରିବାର କୌଣସି ଆବଶ୍ୟକତା ରହିବ ନାହିଁ।

ଛାତ୍ରମାନଙ୍କର ଏହା ଅଧିକାର ରହିଛି ଯେ, ଅନୁଷ୍ଠାନ, କୌଣସି ଛାତ୍ର, ଦୋଷାରୋପୀ, ଏବଂ/କିମ୍ବା ଦୋଷରେ ସାମିଲ୍ ଥିବା ଅନ୍ୟ ବ୍ୟକ୍ତି, ଏବଂ/କିମ୍ବା ସେମାନଙ୍କର ବନ୍ଧୁ କିମ୍ବା ପରିବାର ଏବଂ ବିଚାରାଳୟରେ ଥିବା ଅନ୍ୟ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା କୌଣସି ପ୍ରତିଶୋଧମୂଳକ କାର୍ଯ୍ୟରୁ ନିଜକୁ ସୁରକ୍ଷିତ ରଖିବେ;

ଅତି କମରେ ଘଟଣା ବିଷୟରେ ସିଦ୍ଧାନ୍ତ ନେଉଥିବା ଜଣେ ଆବେଦନକର୍ତ୍ତାଙ୍କ ପାଖକୁ ଯାଇପାରିବାର ସୁଯୋଗ ଛାତ୍ରମାନଙ୍କର ରହିବା ଉଚିତ୍ ;

ଛାତ୍ରଙ୍କର ଏହା ଅଧିକାର ଅଛି ଯେ , ରିପୋର୍ଟ କରୁଥିବା ବ୍ୟକ୍ତି, ଦୋଷାରୋପୀ ବ୍ୟକ୍ତି କିମ୍ବା ସଂପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କୁ ନ୍ୟାୟାଳୟ ବିଚାର ସମୟରେ କିମ୍ବା ଅନ୍ୟ ବିଚାର ସମୟରେ, ସମସ୍ତ ମିଟିଙ୍ଗ୍ ବେଳେ, ଏବଂ ଶୁଣାଣୀ ସମୟରେ ସହାୟତା ପାଇଁ ସେ ତାଙ୍କ ଇଚ୍ଛା ଅନୁସାରେ ଏକ ପରାମର୍ଶଦାତା ତାଙ୍କ ସହ ନେଇପାରିବେ;

ଅନୁସନ୍ଧାନକାରୀ ଅପରାଧି ନ୍ୟାୟ କିମ୍ବା ନ୍ୟାୟାଳୟ କିମ୍ବା ଅନୁଷ୍ଠାନର ଅନ୍ୟ ଅନୁସନ୍ଧାନ ପ୍ରଣାଳୀର ବିନା ହସ୍ତକ୍ଷେପରେ ଛାତ୍ରମାନେ ସେମାନଙ୍କର ସାମାଜିକ ଅଧିକାର ପ୍ରାପ୍ତ କରିବେ ଏବଂ ଯେ କୌଣସି ଧର୍ମ ଅବଲମ୍ବନ କରିବେ।

ଛାତ୍ରମାନେ ସେମାନଙ୍କର ଗୋଷ୍ଠୀ, ରଙ୍ଗ, ଜାତୀୟତା, ଧର୍ମ, ନିର୍ଦ୍ଦିଷ୍ଟ ଗୋଷ୍ଠୀ, ବୟସ, ଅକ୍ଷମତା, ଲିଙ୍ଗ, ଲିଙ୍ଗୀୟ ପରିଚୟ କିମ୍ବା ପ୍ରଦର୍ଶନ , ଲିଙ୍ଗୀୟ ପସନ୍ଦ, ପରିବାରର ଅବସ୍ଥା, ଗର୍ଭାବସ୍ଥା, ପୂର୍ବରୁ ଥିବା ଜେନେଟିକ୍ ଲକ୍ଷଣ, ସାମରିକ ସ୍ଥିତି, ଘରୋଇ ହିଂସାଗ୍ରସ୍ତ ଅବସ୍ଥା, ଦୋଷୀ ବିଷୟରେ ଦଣ୍ଡବିଧାନ ହୋଇଥିବା ଅବସ୍ଥା, ଯାହା ହୋଇଥିଲେ ମଧ୍ୟ ସେମାନେ ଆବେଦନ କରିବାର ଅଧିକାର ପ୍ରାପ୍ତ କରିବେ । ଅପରାଧ କିମ୍ବା ଅବମାନନା କ୍ୟାମ୍ପସ୍ ଭିତରେ ହୋଇଥାଉ କିମ୍ବା ବାହାରେ ହୋଇଥାଉ କିମ୍ବା ବିଦେଶରେ ପଢିବାବେଳେ ହୋଇଥାଉ, ଛାତ୍ରମାନଙ୍କୁ ଏହି ଆବେଦନ କରିବାରୁ ବଞ୍ଚିତ କରାଯାଇପାରିବ ନାହିଁ ।

ଛାତ୍ରଙ୍କମାନର ସେମାନେ କୌଣସି ଘଟଣା ବିଷୟରେ, ବିଶ୍ୱବିଦ୍ୟାଳୟ ପୋଲିସ୍ କିମ୍ବା କ୍ୟାମ୍ପସ୍ ସିକ୍ୟୁରିଟି କିମ୍ବା ସ୍ଥାନୀୟ ଆଇନ୍ ପ୍ରବର୍ତ୍ତନକାରୀ ଏବଂ/କିମ୍ବା ରାଜ୍ୟ ପୋଲିସ୍ କିମ୍ବା ସେମାନଙ୍କର ଅନୁଷ୍ଠାନକୁ ରିପୋର୍ଟ କରିବାର ବା ରିପୋର୍ଟ ନ କରିବାକୁ ବାଛିବାର ଅଧିକାର ଅଛି । ଏହା ମଧ୍ୟ ଛାତ୍ରମାନଙ୍କର ଅଧିକାରଭୁକ୍ତ ଯେ, କୌଣସି ଘଟଣା ରିପୋର୍ଟ କରିବା ଯୋଗୁଁ ସେମାନେ ଯଦି ପ୍ରତିଶୋଧମୂଳକ କାର୍ଯ୍ୟର ଶିକାର ହୁଅନ୍ତି, ଅନୁଷ୍ଠାନ ତାଙ୍କୁ ସୁରକ୍ଷା ପ୍ରଦାନ କରିବ ଏବଂ ତାହା ସହିତ ସହାୟତା ଏବଂ ସମ୍ବଳ ମଧ୍ୟ ପ୍ରଦାନ କରିବ ।